# NATIONAL NEWS BULLETIN (ODIA)

**31 March - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଛନ୍ତି ।

- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସରେ ଭାରତର ଜିଡିପି ୮ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ରହିବ ବୋଲି କହିଛନ୍ତି ।

- ନୂଆଦିଲ୍ଲୀର ରାମଲୀଳା ମଇଦାନଠାରେ ଆଜି ବିରୋଧୀ ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ ପକ୍ଷରୁ ମହା ସମାବେଶର ଆୟୋଜନ କରାଯାଇଛି ।

- ଦେଶ ତଥା ସମଗ୍ର ବିଶ୍ୱରେ ଆଜି ଇଷ୍ଟର ପର୍ବ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଗୁଜରାଟ୍ ଟାଇଟନ୍‌ସ୍ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ଦିଲ୍ଲୀ କ୍ୟାପିଟାଲ୍ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।

# ଭାରତରତ୍ନ-ଆଡଭାନୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଛନ୍ତି । ରାଷ୍ଟ୍ରପତି ଶ୍ରୀ ଆଡଭାନୀଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏହି ପୁରସ୍କାର ପ୍ରଦାନ କରିଥିଲେ । ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମାନ ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

ଏକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଲାଲକୃଷ୍ଣ ଆଡଭାନୀ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଦେଶ ପାଇଁ ଅତୁଟ ନିଷ୍ଠା ଏବଂ ଅସାଧାରଣ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ୧୯୨୭ମସିହାରେ କରାଚିରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଆଡଭାନୀ ୧୯୪୭ମସିହାରେ ଦେଶ ବିଭାଜନ ପରିପ୍ରେକ୍ଷୀରେ ଭାରତ ଆସିଥିଲେ। ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ସାଂସ୍କୃତିକ ଜାତୀୟତାବାଦର ଦୃଷ୍ଟିକୋଣରେ ଶ୍ରୀ ଆଡଭାନୀ ସାରା ଦେଶରେ ଦଶନ୍ଧି ଧରି କଠିନ ପରିଶ୍ରମ କରିଥିଲେ ଏବଂ ସାମାଜିକ-ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ଆଣିଥିଲେ । ରାଷ୍ଟ୍ରପତି କହିଛନ୍ତି ଜରୁରୀକାଳୀନ ପରିସ୍ଥିତି ସମୟରେ ତାଙ୍କ ଭିତରେ ଥିବା ଅଦମ୍ୟ ଯୋଦ୍ଧା ମନୋଭାବ ଏକଛତ୍ରବାଦୀ ଶକ୍ତିଠାରୁ ଭାରତକୁ ରକ୍ଷା କରିବାରେ ସାହାଯ୍ୟ କରିଥିଲା ।

ଶ୍ରୀମତୀ ମୁର୍ମୁ କହିଛନ୍ତି, ଗୃହମନ୍ତ୍ରୀ ଓ ଉପପ୍ରଧାନମନ୍ତ୍ରୀ ଭାବେ ସେ ସର୍ବଦା ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିଲେ, ଯାହା ତାଙ୍କୁ ଦଳୀୟ ସ୍ତରରୁ ଊର୍ଦ୍ଧ୍ୱରେ ଥିବା ଲୋକଙ୍କ ଠାରୁ ସମ୍ମାନ ଓ ପ୍ରଶଂସା ସାଉଁଟିଛି ।

ସୂଚନାଯୋଗ୍ୟ ଗତକାଲି ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହା ରାଓ ଓ ଚୌଧୁରୀ ଚରଣ ସିଂ, ବିଶିଷ୍ଟ କୃଷି ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍ ଓ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁରଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରିଛନ୍ତି । ଏହି ସମାରୋହରେ ଭାରତ ରତ୍ନ ମିଳିଥିବା ମହାନ ବ୍ୟକ୍ତିମାନଙ୍କ ସଂପର୍କୀୟମାନେ ଏହି ପୁରସ୍କାର ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କରିଛନ୍ତି ।

## ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ବୃଦ୍ଧି ପାଇବ ବୋଲି କହିଛନ୍ତି। ମୁମ୍ବାଇରେ ଏକ ନିବେଶ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀମତୀ ସୀତାରମଣ କହିଛନ୍ତି ଉନ୍ନତ ମୁଦ୍ରାସ୍ଫୀତି ପରିଚାଳନା ଏବଂ ଅର୍ଥନୈତିକ ସ୍ଥିରତାର ପ୍ରଭାବ ଯୋଗୁଁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଅଭିବୃଦ୍ଧି ହାରରେ ସମାନ ହାର

ପରିଦୃଷ୍ଟ ହେବ ବୋଲି ଆଶା କରାଯାଉଛି। ଏସିଆର ତୃତୀୟ ବୃହତ୍ତମ ଅର୍ଥନୀତି ରାଷ୍ଟ୍ର ଭାରତ' ଅକ୍ଟୋବରରୁ ଡିସେମ୍ବର ତ୍ରୟମାସରେ ୮ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି, ଯାହା ପୂର୍ବ ତ୍ରୟମାସରେ ରେକର୍ଡ କରାଯାଇଥିବା ୭ ଦଶମିକ ୬ ପ୍ରତିଶତ ଅଭିବୃଦ୍ଧିକୁ ଅତିକ୍ରମ କରିଛି। ତୃତୀୟ ତ୍ରୟମାସରେ ୮ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ପରେ ବିଭିନ୍ନ ଅନୁଷ୍ଠାନ ଭାରତ ପାଇଁ ଜିଡିପି ଅଭିବୃଦ୍ଧିରେ ସ୍ଥିରତା ରହିବ ବୋଲି ପୂର୍ବାନୁମାନ କରିଥିବା ଶ୍ରୀମତୀ ସୀତାରମଣ କହିଛନ୍ତି।

## ଅପୋଜିସନ ର୍ୟାଲି-ବିଜେପି

ନୂଆଦିଲ୍ଲୀର ରାମଲୀଳା ମଇଦାନଠାରେ ଆଜି ବିରୋଧୀ ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ ପକ୍ଷରୁ ଏକ ମହା ସମାବେଶର ଆୟୋଜନ କରାଯାଇଛି । ଏଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫ ସମେତ ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରାଯାଇଛି । ସମ୍ବିଧାନ ଏବଂ ଗଣତନ୍ତ୍ରକୁ ସୁରକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ବିଭିନ୍ନ ବିରୋଧୀଦଳ ନେତାମାନଙ୍କ ପକ୍ଷରୁ ଏହି ସମାବେଶର ଆୟୋଜନ କରାଯାଇଛି । ଗତବର୍ଷ ଜୁନ୍ ମାସରେ ପାଟନାଠାରେ ବିରୋଧୀ ମେଣ୍ଟ ଗଠନ ହେବା ପରେ ଏହା ହେଉଛି ବିରୋଧୀ ଦଳର ପ୍ରଥମ ସମାବେଶ । ଭାରତୀୟ ଜନତା ପାର୍ଟି ପକ୍ଷରୁ

ଆୟୋଜିତ ବିରୋଧୀ ଦଳର ସମାବେଶକୁ ସମାଲୋଚନା କରାଯାଇଛି । ଏହା 'ଗଣତନ୍ତ୍ର ବଞ୍ଚାଅ' ର୍ୟାଲି ନୁହେଁ ବରଂ ଏହବା ପରିବାର ବଞ୍ଚାଅ ଏବଂ ଦୁର୍ନୀତି ଲୁଚାଇବା ର୍ୟାଲି ବୋଲି ବିଜେପି ସମାଲୋଚନା କରିଛି । ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଦଳଗୁଡ଼ିକ ଏକାଠି ହୋଇଥିବା ଦାବି କରୁଥିବାବେଳେ ସେମାନେ ନିଜେ ବଂଶବାଦୀ ରାଜନୀତିକୁ ପ୍ରଶୟ ଦେଉଛନ୍ତି ଏବଂ ଅନ୍ୟମାନଙ୍କୁ ଉପରକୁ ଉଠିବାକୁ ଦେଉନାହାନ୍ତି । ଆଗାମୀ ନିର୍ବାଚନରେ ସାଧାରଣ ଜନତା ସେମାନଙ୍କୁ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ତ୍ରିବେଦୀ କହିଛନ୍ତି ।

## ଡେ ଇଷ୍ଟର

ଦେଶ ତଥା ସମଗ୍ର ବିଶ୍ୱରେ ଆଜି ଇଷ୍ଟର ପର୍ବ ପାଳନ କରାଯାଉଛି । ପ୍ରଭୁ ଯୀଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହେବା ପରେ ଆଜି ତାଙ୍କର ପୁର୍ନଜନ୍ମ ହୋଇଥିବା ବିଶ୍ୱାସ ରହିଛି । ଏହି ଅବସରରେ ଗତକାଲି ରାତିରେ ଦେଶର ବିଭିନ୍ନ ଚର୍ଚ୍ଚ ଗୁଡ଼ିକରେ ମଧ୍ୟରାତ୍ରୀ ଇଷ୍ଟର ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଷ୍ଟର ଅବସରରେ ଦେଶ ଓ ବିଦେଶରେ ରହୁଥିବା ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ତାଙ୍କର ବାର୍ତ୍ତାରେ କହିଛନ୍ତି ଏହି ପର୍ବ ପ୍ରେମ ଓ କରୁଣାର ପ୍ରତୀକ । ଉପରାଷ୍ଟ୍ରପତି ଜଗଦୀପ ଧନଖଡ ମଧ୍ୟ ଏହି

ଅବସରରେ ଲୋକମାନଙ୍କୁ ଇଷ୍ଟର ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ଧନଖଡ କହିଛନ୍ତି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପୁର୍ନଜନ୍ମକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଉଛି । ଏହା ପ୍ରେମ, କରୁଣା ଏବଂ କ୍ଷମାର ପ୍ରଭାବକୁ ସମାଜରେ ବିସ୍ତାରିତ କରୁଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ଆନନ୍ଦ ଉଲ୍ଲାସର ସହ ଇଷ୍ଟର ପର୍ବ ପାଳନ କରିବା ଲାଗି କାମନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଏହି ପର୍ବ ମାଧ୍ୟମରେ ବିଶ୍ୱରେ ଆଶାବାଦ ଏବଂ ନବୀକରଣର ବାର୍ତ୍ତା ଗୁଞ୍ଜରିତ ହେବ । ଜନସାଧାରଣଙ୍କ ମଧ୍ୟରେ ଏକତା ଓ ଶାନ୍ତି ବଜାୟ ରଖିବା ଲାଗି ଶ୍ରୀ ମୋଦୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

ନାଗାଲାଣ୍ଡରେ ଆଜି ଇଷ୍ଟର ପର୍ବ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରାଯାଉଛି । ରାଜ୍ୟରେ ଥିବା ଚର୍ଚ୍ଚ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନାର ଆୟୋଜନ କରାଯାଇଛି ।

## ଗୋଆ ଷ୍ଟେଟ୍ ପ୍ରୋଫାଇଲ

ଗୋଆର ଦୁଇଟି ଲୋକସଭା ଆସନ ପାଇଁ ମେ’ ମାସ ୭ ତାରିଖରେ ଭୋଟ୍‌ଗ୍ରହଣ ହେବ । ନିର୍ବାଚନ ଆୟୋଗଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ଗୋଆ ତୃତୀୟ ପର୍ଯ୍ୟାୟରେ ରହିଛି । ଗୋଆରେ ସମୁଦାୟ ୧୧ଲକ୍ଷ ୭୨ହଜାର ପଞ୍ଜୀକୃତ ଭୋଟରଙ୍କ ମଧ୍ୟରୁ ୫ଲକ୍ଷ ୭୮ହଜାର ଉତ୍ତର ଗୋଆରେ ଏବଂ ୫ଲକ୍ଷ ୯୩ ହଜାର ଭୋଟର ଦକ୍ଷିଣ ଗୋଆରେ ଅଛନ୍ତି । ରାଜ୍ୟରେ ୬ଲକ୍ଷରୁ ଅଧିକ ମହିଳା ଭୋଟର ଥିବାବେଳେ ୫ଲକ୍ଷ

୭୦ହଜାର ପୁରୁଷ ଭୋଟର ରହିଛନ୍ତି । ଗୋଆର ଦୁଇଟି ସଂସଦୀୟ ଆସନ ମଧ୍ୟରୁ ଉତ୍ତର ଗୋଆ ଆସନ ପାଇଁ ୫ଥର ସାଂସଦ ହୋଇଥିବା ବିଜେପିର କେନ୍ଦ୍ର ପର୍ଯ୍ୟଟନ ଓ ଜାହାଜ ଚଳାଚଳ ମନ୍ତ୍ରୀ ଶ୍ରୀପଦ ନାୟକ ପ୍ରତିନିଧିତ୍ୱ କରୁଛନ୍ତି । ସେହିପରି ଦକ୍ଷିଣ ଗୋଆ ଆସନରେ କଂଗ୍ରେସର ଫ୍ରାନ୍‌ସିସ୍‌କୋ ସାର୍ଦ୍ଦିନା ନିର୍ବାଚନ ଲଢୁଛନ୍ତି ।

## ପିଏମ୍-କଂଗ୍ରେସ ଶ୍ରୀଲଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୯୭୪ମସିହାରେ ଶ୍ରୀଲଙ୍କାକୁ କାଚଥିଭୁ ଦ୍ୱୀପ ହସ୍ତାନ୍ତର କରିଥିବାରୁ କଂଗ୍ରେସକୁ ସମାଲୋଚନା କରିଛନ୍ତି । କଂଗ୍ରେସର ଦୀର୍ଘ ୭୫ବର୍ଷ ଶାସନ କାଳରେ ଭାରତର ଏକତା, ଅଖଣ୍ଡତା ଏବଂ ସ୍ୱାର୍ଥ ଦୁର୍ବଳ ହୋଇଛି ବୋଲି ଶ୍ରୀ ମୋଦୀ ଛନ୍ତି। ଭାରତ କଚ୍ଛାତିଭୁ ଦ୍ୱୀପକୁ ଶ୍ରୀଲଙ୍କାକୁ ହସ୍ତାନ୍ତର କରିଥିବା ସମ୍ପର୍କରେ ତାମିଲନାଡୁ ବିଜେପି ମୁଖ୍ୟ କେ.ଆନ୍ନାମଲାଇ ଆରଟିଆଇ ଜରିଆରେ ହାସଲ କରିଥିବା ତଥ୍ୟରୁ ଜଣାପଡିଛି ।

## ରୋହନ ବୋପନ୍ନା-ଟେନିସ୍

ଭାରତୀୟ ଟେନିସ୍ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସହଯୋଗୀ ମାଥ୍ୟୁ ଏବଡେନ୍‌ଙ୍କ ଯୋଡ଼ି ମିଆମି ଓପନ୍‌ର ପୁରୁଷ ଡବଲ୍ସ

ଫାଇନାଲ୍‌ରେ ବିଜୟ ହାସଲ କରିଛନ୍ତି। ଏହି ଯୋଡି କ୍ରୋଏସିଆର ଇଭାନ ଡୋଡିକ୍ ଏବଂ ଆମେରିକୀୟ ଅଷ୍ଟିନ୍ କ୍ରାଜିସେକ୍‌ଙ୍କୁ ୬-୭, ୬-୩, ୧୦-୬ରେ ପରାସ୍ତ କରିଛନ୍ତି। ୪୪ ବର୍ଷୀୟ ବୋପାନ୍ନା ଏଟିପି ମାଷ୍ଟର୍ସ ଏକହଜାର ଟାଇଟଲ ଜିତିବାରେ ସବୁଠାରୁ ବୟସ୍କ ବ୍ୟକ୍ତି ଏବଂ ସମସ୍ତ ୯ଟି ଏଟିପି ମାଷ୍ଟର୍ସ ଏକହଜାର ପ୍ରତିଯୋଗିତାର ଫାଇନାଲରେ ପହଞ୍ଚିବାରେ ଦ୍ୱିତୀୟ ଭାରତୀୟ। ଏହି ବିଜୟ ପରେ ସେ ପୁଣି ଥରେ ଏଟିପି ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି।

# ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅପରାହ୍ଣ ସାଢ଼େ ୩ଟାରେ ଗୁଜରାଟ୍ ଟାଇଟନ୍‌ସ୍ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବାକୁ ଥିଲାବେଳେ ଦିଲ୍ଲୀ କ୍ୟାପିଟାଲ୍ ଓ ଚେନ୍ନାଇ ସୁପର କିଙ୍ଗସ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ବିଶାଖାପଟ୍ଟନମ୍‌ର ୱାଇ.ଏସ୍. ରାଜଶେଖର ରେଡ୍ଡୀ ଷ୍ଟାଡିୟମ୍‌ରେ ପରସ୍ପରକୁ ଭେଟିବେ ।

ଗତକାଲି ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ପଞ୍ଜାବ କିଙ୍ଗ୍‌ସକୁ ୨୧ ରନ୍‌ରେ ପରାସ୍ତ କରିଛି । ଲକ୍ଷ୍ନୌ ପକ୍ଷରୁ ମୟାନ୍ ଯାଦବ ୩ଟି

ଓ୍ୱିକେଟ୍ ଅକ୍ତିଆର କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

# NATIONAL NEWS BULLETIN (ODIA)

**30 March - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହାରାଓ, ଚୌଧୁରୀ ଚରଣ ସିଂ, କୃଷି ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍ ଓ ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁରଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରିଛନ୍ତି ।

- ଇଣ୍ଡିଆ ବ୍ଲକ୍ ଆସନ୍ତାକାଲି ନୂଆଦିଲ୍ଲୀର ରାମଲୀଳା ପଡ଼ିଆରେ **ଗଣତନ୍ତ୍ର ବଞ୍ଚାଅ** ର୍‍ୟାଲିର ଆୟୋଜନ କରିଛି ।

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନ ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

- ଭାରତୀୟ ନୌବାହିନୀ ସୋମାଲିଆ ଜଳଦସ୍ୟୁମାନଙ୍କ କବଳରୁ ୨୩ ଜଣ ପାକିସ୍ତାନୀ ନାଗରିକଙ୍କୁ ଉଦ୍ଧାର କରିଛି ।

ଏବଂ

- ପ୍ୟାରିସ୍ ଅଲମ୍ପିକ୍ କ୍ରୀଡ଼ା ପାଇଁ ଫ୍ରାନ୍ସ ୪୫ଟି ଦେଶରୁ ସୁରକ୍ଷା ସହାୟତା ଲୋଡ଼ିଛି ।

# ପ୍ରେଜ୍ ଭାରତ ରତ୍ନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହାରାଓ, ଚୌଧୁରୀ ଚରଣ ସିଂ, କୃଷି ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍ ଓ ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁରଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଆସନ୍ତାକାଲି ନୂଆଦିଲ୍ଲୀରେ ବିଜେପି ନେତା ଏଲ୍.କେ. ଆଡଭାନୀଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବେ । ଆଜିର ସମାରୋହରେ ଭାରତ ରତ୍ନ ମିଳିଥିବା ମହାନ ବ୍ୟକ୍ତିମାନଙ୍କ ସଂପର୍କୀୟମାନେ ପୁରସ୍କାର ଗ୍ରହଣ କରିଛନ୍ତି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସେଠାରେ ଉପସ୍ଥିତ ଥିଲେ । ଭାରତ ରତ୍ନ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ।

# ଇଣ୍ଡିଆ ର୍‍ୟାଲି

ଇଣ୍ଡିଆ ବ୍ଲକ୍ ଆସନ୍ତାକାଲି ନୂଆଦିଲ୍ଲୀର ରାମଲୀଳା ପଡ଼ିଆରେ **ଗଣତନ୍ତ୍ର ବଞ୍ଚାଅ** ର୍‍ୟାଲିର ଆୟୋଜନ କରିଛି । କଂଗ୍ରେସ, NCP, ଶିବସେନା

ଉଦ୍ଧବ ଗୋଷ୍ଠୀ, ସମାଜବାଦୀ ପାର୍ଟି, ଆମ୍ ଆଦମୀ ପାର୍ଟି, RJD, DMK, ନ୍ୟାଶନାଲ୍ କନ୍‌ଫରେନ୍ସ, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, ବାମପନ୍ଥୀ ଦଳ ଓ ଅନ୍ୟ ଦଳଗୁଡ଼ିକର ତୁଙ୍ଗ ନେତାମାନେ ର୍‍ୟାଲିରେ ଯୋଗଦେବେ । ର୍‍ୟାଲି ବିଷୟରେ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ବର୍ଦ୍ଧିତ ମୁଦ୍ରାସ୍ଫୀତି, ବେକାରୀ, ଅର୍ଥନୈତିକ ଅସମାନତା ଓ ସାମାଜିକ ଧ୍ରୁବୀକରଣ ଏହି ର୍‍ୟାଲିର ପ୍ରମୁଖ ବିଷୟ ମଧ୍ୟରେ ସ୍ଥାନ ପାଇଛି ।

## ପ୍ରେଜ୍-ପିଏମ୍ ରାଜସ୍ଥାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନ ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି ନିଜର ଗୌରବମୟ ପରମ୍ପରା, ସେବାଭାବ ଓ ବିବିଧ ସଂସ୍କୃତି ପାଇଁ ରାଜସ୍ଥାନ ପରିଚିତ ହୋଇ ଆସିଛି । ସେ କହିଛନ୍ତି ରାଜସ୍ଥାନର ଜନସାଧାରଣ ସମଗ୍ର ବିଶ୍ୱରେ ସେମାନଙ୍କର ଉଦ୍ୟୋଗପତି ପ୍ରତିଭାର ପ୍ରଦର୍ଶନ କରି ଆସିଛନ୍ତି । ରାଜସ୍ଥାନର ଜନସାଧାରଣ ଏଭଳି ଦେଶକୁ ଅମୂଲ୍ୟ ଅବଦାନ ଜାରି ରଖିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ରାଜସ୍ଥାନର ଲୋକମାନେ ଅସୀମ ଶକ୍ତି ଓ ଉତ୍ସାହ ସହ ଗୌରବର ନୂଆ ଗାଥା ଲେଖୁଛନ୍ତି । ଆତ୍ମନିର୍ଭରଶୀଳ ଓ ବିକଶିତ

ଭାରତର ଗଠନରେ ରାଜସ୍ଥାନ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ ମତ ପୋଷଣ କରିଛନ୍ତି ।

## ପିଏମ୍ ଶ୍ୟାମଜୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମଜୀ କ୍ରିଷ୍ଣ ବର୍ମାଙ୍କ ଶ୍ରାଦ୍ଧବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅଦମ୍ୟ ସାହସ ଓ ସଂକଳ୍ପ ଚିର ସ୍ମରଣୀୟ ହୋଇ ରହିଛି । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ଫରେକ୍ସ ରିଜର୍ଭସ

ଗତ ୨୨ ତାରିଖ ସୁଦ୍ଧା ଭାରତର ବୈଦେଶିକ ବିନିମୟ ମୁଦ୍ରା ସଂଚୟ ପରିମାଣ ୧୪୦ ନିୟୁତ ଡଲାର ବୃଦ୍ଧି ପାଇଛି । ରିଜର୍ଭ ବ୍ୟାଙ୍କ କହିଛି କ୍ରମାନ୍ୱୟରେ ପଞ୍ଚମ ସପ୍ତାହ ଧରି ବୈଦେଶିକ ବିନିମୟ ମୁଦ୍ରା ସଂଚୟ ପରିମାଣ ବୃଦ୍ଧି ପାଇଛି । ସୁନା ସଂଚୟ ପରିମାଣ ୩୪୭ ନିୟୁତ ଡଲାର ବୃଦ୍ଧି ପାଇଛି ।

## ଆଇଏମ୍‌ଡି-ଫୋରକାଷ୍ଟ

ଆଜିଠାରୁ ଉତ୍ତର-ପୂର୍ବ ପୂର୍ବାଞ୍ଚଳରେ ବର୍ଷା ଓ ବଜ୍ରପାତ ହେବାର ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପାଣିପାଗ ବିଭାଗ କହିଛି ଅରୁଣାଚଳ ପ୍ରଦେଶ, ଆସାମ ଓ ମେଘାଳୟରେ ଭୀଷଣ ବର୍ଷା ଓ ତୁଷାରପାତ ହେବାର ସମ୍ଭାବନା ଅଛି । ଓଡ଼ିଶା, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ଝାଡ଼ଖଣ୍ଡ ଓ ବିହାରର କିଛି ସ୍ଥାନରେ ଅଳ୍ପରୁ ମଧ୍ୟମ ବର୍ଷା ହେବ । ଜାମ୍ମୁ କାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ମୁଜାଫରାବାଦ, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ଆଜି କିଛି ସ୍ଥାନରେ ଭୀଷଣ ବର୍ଷା ଓ ତୁଷାରପାତ ହେବାର ସମ୍ଭାବନା ଅଛି ।

## ସୋମାଲି ପାଇଲଟ୍‌ସ

ଭାରତୀୟ ନୌବାହିନୀ ସୋମାଲିଆ ଜଳଦସ୍ୟୁମାନଙ୍କ କବଳରୁ ୨୩ ଜଣ ପାକିସ୍ତାନୀ ନାଗରିକଙ୍କୁ ଉଦ୍ଧାର କରିଛି। ଏଥିପାଇଁ ଭାରତୀୟ ନୌବାହିନୀକୁ ଆରବ ସାଗରରେ ଦୀର୍ଘ ୧୨ ଘଣ୍ଟାର କାର୍ଯ୍ୟାନୁଷ୍ଠାନ କରିବାକୁ ପଡ଼ିଥିଲା । ଭାରତୀୟ ନୌବାହିନୀ ଯବାନମାନେ ସେମାନଙ୍କର ଯୁଦ୍ଧକୌଶଳ ର ପ୍ରୟୋଗ କରି ଜଳଦସ୍ୟୁମାନଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଥିଲେ । ଏହାପରେ ବିନା ରକ୍ତପାତରେ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରାଯାଇଥିଲା । ଜଳଦସ୍ୟୁମାନଙ୍କର ଆତ୍ମସମର୍ପଣ ଭାରତୀୟ ନୌବାହିନୀ ପାଇଁ ଏକ ନିର୍ଣ୍ଣାୟକ ବିଜୟ ସାବ୍ୟସ୍ତ ହୋଇଛି । ଏହା ସହିତ ଅଞ୍ଚଳର ସାମୁଦ୍ରିକ ସୁରକ୍ଷାକୁ ନିଶ୍ଚିତ କରାଯାଇ ପାରିଛି ।

ପୂର୍ବରୁ ଇରାନର ମାଛଧରା ଜାହାଜ ଅଲ୍ କାମ୍ବର-୭୮୬ରେ ଜଳଦସ୍ୟୁମାନଙ୍କ ଉପସ୍ଥିତି ବିଷୟରେ ଖବର ପାଇ ଭାରତର INS ସୁମେଧା ଓ INS ତ୍ରିଶୂଳକୁ ଆରବ ସାଗରରେ ମୁତୟନ କରାଯାଇଥିଲା ।

## ଫ୍ରାନ୍ସ ଅଲିମ୍ପିକ୍ ସିକ୍ୟୁରିଟି

ଆଗାମୀ ପ୍ୟାରିସ୍ ଅଲମ୍ପିକ୍ କ୍ରୀଡ଼ା ପାଇଁ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ସକାଶେ ଫ୍ରାନ୍ସ ୪୫ଟି ଦେଶ ସହ କଥାବାର୍ତ୍ତା କରିଛି । ଅଲମ୍ପିକ କ୍ରୀଡ଼ା ପାଇଁ ଅତିରିକ୍ତ ଯବାନ, ପୋଲିସ୍ ଓ ସାଧାରଣ କର୍ମଚାରୀଙ୍କୁ ଯୋଗାଇ ସହାୟତା କରିବାକୁ ଫ୍ରାନ୍ସ ୪୫ଟି ଦେଶ ସହ କଥାବାର୍ତ୍ତା କରିଛି । ପ୍ୟାରିସ୍ ଅଲମ୍ପିକ କ୍ରୀଡ଼ା ପାଇଁ ସୁରକ୍ଷା ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି । ପ୍ୟାରିସ୍ ଉପରେ ଇସ୍‌ଲାମୀୟ ଉଗ୍ରବାଦୀମାନେ ସର୍ବଦା ମରଣାତ୍ମକ ଆକ୍ରମଣ କରି ଆସିଛନ୍ତି । ପ୍ୟାରିସ୍ ଅଲମ୍ପିକ୍ସରେ ୧୫ ନିୟୁତ ଲୋକ ଏକତ୍ରିତ ହେବାର ସମ୍ଭାବନା ଅଛି । ପ୍ୟାରିସ୍ ଅଲମ୍ପିକ୍ ଜୁଲାଇ ୨୬ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । କିଛିଦିନ ପୂର୍ବେ ରୁଷ୍‌ରେ ଇସ୍‌ଲାମକୀ ଷ୍ଟେଟ୍ ଆକ୍ରମଣ କରିବା ପରିପ୍ରେକ୍ଷୀରେ ଫ୍ରାନ୍ସ ସରକାର ଦେଶରେ ସୁରକ୍ଷା ସତର୍କତା ଜାରି କରିଛନ୍ତି । ଫ୍ରାନ୍ସ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ କହିଛି ଜାନୁଆରୀ ମାସରେ ସେହି ବିଦେଶୀ ରାଷ୍ଟ୍ରଗୁଡ଼ିକ ଠାରୁ ସୁରକ୍ଷା ସହାୟତା ଲୋଡ଼ା ଯାଇଥିଲା ।

୨ହଜାର ୧୮୫ ନିରାପତ୍ତା ରକ୍ଷୀ ପଠାଇବାକୁ ଅନୁରୋଧ କରାଯାଇଥିଲା । ସେହି ଅଫିସରମାନେ ଅଲମ୍ପିକ୍ କ୍ରୀଡ଼ା ସୁରକ୍ଷା ବ୍ୟବସ୍ଥାରେ ସହାୟତା କରିବେ । ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରଣାଳୟ ପୃଥକ୍ ଭାବେ ବିଦେଶୀ ରାଷ୍ଟ୍ର ଗୁଡ଼ିକୁ ଅଳ୍ପ ଅଳ୍ପ ସଂଖ୍ୟକ ସାମରିକ କର୍ମଚାରୀଙ୍କୁ ଯୋଗାଇବା ପାଇଁ ଅନୁରୋଧ କରିଛି । ପୋଲାଣ୍ଡ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ତାଙ୍କ ଦେଶ ପ୍ୟାରିସ୍ ଅଲମ୍ପିକ୍ କ୍ରୀଡ଼ା ପାଇଁ ସୈନ୍ୟ ପଠାଇବ ।

# ଆସାମ ସିଏମ୍

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି ଲୋକସଭା ନିର୍ବାଚନ ପରେ ତାଙ୍କ ସରକାର UCC ଲାଗୁ କରିବେ । ଗୌହାଟୀଠାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ବହୁ ପତ୍ନୀ ଗ୍ରହଣକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବା ବିଷୟରେ ସେ କହିଛନ୍ତି । ଶ୍ରୀ ଶର୍ମା କହିଛନ୍ତି ଲୋକସଭା ନିର୍ବାଚନରେ NDA ଭଲ ପ୍ରଦର୍ଶନ କରିବ ।

# ୟୁଏସ୍-ହଂକଂ ବିଜା

ଆମେରିକା କହିଛି ହଙ୍ଗ୍‌କଙ୍ଗ୍ ର ସରକାରୀ ଅଫିସରମାନଙ୍କ ଉପରେ ନୂଆ ବିଜା କଟକଣା ଲାଗୁ କରାଯିବ । ସେମାନଙ୍କ ବିରୁଦ୍ଧରେ ମାନବାଧିକାର ଲଂଘନର ଅଭିଯୋଗ ରହିଛି । ଆମେରିକା ବୈଦେଶିକ ମନ୍ତ୍ରୀ ଆଣ୍ଟୋନୀ ବ୍ଲିଙ୍କେନ କହିଛନ୍ତି ଏହି ଘଟଣାର ତୁରନ୍ତ ପଦକ୍ଷେପ

ନିଆଯିବ । ଗଣମାଧ୍ୟମର ଖବର ଅନୁସାରେ ଚୀନ' ହଙ୍ଗକଙ୍ଗର ସ୍ୱାୟତ୍ତତା, ଗଣତାନ୍ତ୍ରିକ ଅନୁଷ୍ଠାନ ଓ ନାଗରିକମାନଙ୍କର ସ୍ୱାଧୀନତା କାଣ୍ଟଛାଣ୍ଟ କରିବାକୁ ଜୋରସୋର ଉଦ୍ୟମ କରିଥିଲା । ଚୀନ୍ ଦ୍ୱାରା ସଦ୍ୟ ପଦକ୍ଷେପ ସ୍ୱରୂପ ଜାତୀୟ ନିରାପତ୍ତା ଆଇନ ଅଧୀନରେ ଧାରା ୨୩ର ଲାଗୁକୁ ନେଇ ସେହି ଅଞ୍ଚଳର ସର୍ବସାଧାରଣଙ୍କ ସ୍ୱାଧୀନତା ହ୍ରାସ ଉପରେ ଉଦ୍‌ବେଗ ସୃଷ୍ଟି ହୋଇଛି ।

# ଆଇପିଏଲ୍ କ୍ରିକେଟ୍

IPL କ୍ରିକେଟ୍‌ରେ ଆଜି ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ' ପଞ୍ଜାବ କିଙ୍ଗ୍‌ସକୁ ଭେଟିବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଲକ୍ଷ୍ନୌରେ ଖେଳାଯିବ । ଗତକାଲି କୋଲକାତା ନାଇଟ୍ ରାଇଡର୍ସ' ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା ।

# ଟେନିସ୍

ମାୟାଁମି ଓପନ୍ ଟେନିସ୍ ପ୍ରତିଯୋଗିତାରେ ଏଲିନା ରିବାକିନା ମହିଳା ସିଙ୍ଗିଲ୍‌ସ ଫାଇନାଲ୍‌ରେ ଡ୍ୟାନିଏଲି କଲିନ୍ସଙ୍କୁ ଭେଟିବେ । ଏହି ମ୍ୟାଚ୍ ଆଜି ରାତିରେ ଖେଳାଯିବ । କାଜାଖସ୍ଥାନର ରିବାକିନା ବେଲାରୁସ୍‌ର ଭିକ୍ଟୋରିଆ ଆଜାରେଙ୍କା ଙ୍କୁ ୬-୪, ୦-୬ ଓ ୭-୬ରେ ପରାସ୍ତ କରିଥିବା ବେଳେ ଆମେରିକାର କଲିନ୍ସ' ରୁଷ୍‌ର ଏକାଟେରିନା ଆଲେକ୍‌ଜାଣ୍ଡ୍ରୋବାଙ୍କୁ ୬-୩ ଓ ୬-୨ରେ ପରାସ୍ତ କରିଥିଲେ ।

ପୁରୁଷ ସିଙ୍ଗିଲ୍‌ସ ଫାଇନାଲ୍‌ରେ ଜାନିକ୍ ସିନର୍’ ଗ୍ରିଗୋର୍ ଦ୍ରିମିତ୍ରଙ୍କୁ ଭେଟିବେ । ଏହି ମ୍ୟାଚ୍ ଆସନ୍ତାକାଲି ଖେଳାଯିବ । ଇଟାଲୀର ସିନର୍’ ରୁଷ୍‌ର ଡାନିଏଲ୍ ମେଦ୍‌ଭେଦବ୍‌ଙ୍କୁ ୬-୧ ଓ ୬-୨ରେ ପରାସ୍ତ କରିଥିଲେ । ବୁଲ୍‌ଗୋରିଆର ଗ୍ରିଗୋର୍ ଦିମିତ୍ରୋ ଜର୍ମାନୀର ଆଲେକ୍‌ଜାଣ୍ଡାର ଜେରେବୋଙ୍କୁ ପରାସ୍ତ କରିଥିଲେ ।

ପୁରୁଷ ଡବଲ୍‌ସରେ ଭାରତ-ଅଷ୍ଟ୍ରେଲିଆ ଯୋଡ଼ି ରୋହନ ବୋପନ୍ନା ଓ ମାଥ୍ୟୁ ଏବ୍‌ଡେନ୍ ଆଜି ରାତିରେ ଆମେରିକାର ଅଷ୍ଟିନ୍ କ୍ରାଜିସେକ୍ ଓ କ୍ରୋଏସିଆର ଇଭାନ୍ ଡୋଡିଗଙ୍କୁ ଫାଇନାଲ୍‌ରେ ଭେଟିବେ । ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ି ସ୍ପେନ୍‌ର ଗ୍ରାନୁଲର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍‌ଙ୍କୁ ପରାସ୍ତ କରିଥିଲେ ।